ଫର୍ମ – III

[ନିୟମ – ୫(୪) ଦ୍ରଷ୍ଟବ୍ୟ]

# ତହସିଲ କାର୍ଯ୍ୟାଳୟ, କନିଷି, ଗଞ୍ଜାମ

ଲିଜ ମିସ୍ କେସ୍ ନଂ. ୦୧/୨୦୨୫

## <u>ସର୍ବସାଧାରଣ ନୋଟିସ୍</u>

ଏତଦ୍ ଦ୍ୱାରା ମୌଜା – ବଡ଼କୁଶସ୍ଥଳି, ଥାନା - ଗୋପାଳପୁର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ତଫସିଲଭୁକ୍ତ ଜମିର ଖାତାକୁ "ଆବାଦ ଯୋଗ୍ୟ ଅନାବାଦୀ" ଓ କିସମକୁ "ପତିତ" ରେ ପରିଣତ କରି ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ (OPTCL) ଙ୍କ ନାମରେ 400/200 KV GIS ଗ୍ରୀଡ଼ ସବ୍-ଷ୍ଟେସନ୍ ସ୍ଥାପନ ନିମନ୍ତେ ଲିଜ୍ ସୂତ୍ରେ ହସ୍ତାନ୍ତର କରିବା ପାଇଁ ପ୍ରସ୍ତାବିତ ହୋଇଅଛି ।

ଏଣୁ ନିମ୍ନ ତଫସିଲଭୁକ୍ତ ଜମିର ଖାତା ଓ କିସମ ପରିବର୍ତ୍ତନ ଉପରେ ଯଦି କାହାର କିଛି ଆପତ୍ତି ଅଭିଯୋଗ ଥାଏ, ଏହି ଇସ୍ତାହାର ପ୍ରକାଶ ପାଇବାର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଯେ କୌଣସି କାର୍ଯ୍ୟ ଦିବସରେ ଲିଖିତ ଆପତ୍ତି ଅଭିଯୋଗ ଦାଖଲ କରିପାରିବେ । ଧାର୍ଯ୍ୟ ସମୟ ଅତିକ୍ରାନ୍ତ ହେବା ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବନାହିଁ ।

### <u>ତଫସିଲଭୁକ୍ତ ଜମିର ବିବରଣୀ</u>

| ମୌଜା | ଖାତା ନଂ | ପ୍ଲଟ ନଂ | ମୋଟ ରକବା (ଏକରରେ) | ପ୍ରସ୍ତାବିତ ରକବା (ଏକରରେ) | କିସମ / ଖାତାଦାର | ପ୍ରସ୍ତାବିତ କିସମ/ ଖାତାଦାର |
|---|---|---|---|---|---|---|
| ବଡ଼କୁଶସ୍ଥଳି | ୯୩୭ | ୮୮୨ | ୧୫.୧୦୦ | ୧୫.୧୦୦ | ଗୋଚର / ରକ୍ଷିତ | ପତିତ/ ଆବାଦ ଯୋଗ୍ୟ ଅନାବାଦୀ |

27.01.25

ତହସିଲଦାର, କନିଷି
Tehasildar KONISI

ପରିପତ୍ର ସଂଖ୍ୟା- 972 / ତାରିଖ- 27.01.2025

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ (DIO), NIC, ଗଞ୍ଜାମଙ୍କ ଅବଗତି ଓ ୱେବ-ସାଇଟ୍ ମାଧ୍ୟମରେ ବିଜ୍ଞପ୍ତି ପ୍ରକାଶ କରିବା ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ରାଜସ୍ୱ ନିରୀକ୍ଷକ, ବଡ଼କୁଶସ୍ଥଳିଙ୍କ ଦ୍ୱାରା ମୌଜା- ବଡ଼କୁଶସ୍ଥଳି ପ୍ରକାଶ୍ୟ ସ୍ଥାନରେ ଢେଙ୍ଗୁରା/ମାଇକିଙ୍ଗ ଦ୍ୱାରା ଜାରି କରିବା ପାଇଁ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ବଡ଼କୁଶସ୍ଥଳିର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ/ ସରପଞ୍ଚଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ, କନିଷିର ବିଜ୍ଞାପନ ଫଳକରେ ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ଜାରି କରାଗଲା ।

27.01.25

ତହସିଲଦାର, କନିଷି
Tehasildar KONISI